# ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ

**<u>ଏଫ୍.ଏ.ଓ ସଂଖ୍ୟା 312/2020</u>**

(ଓ.ଏ.ସଂଖ୍ୟା 125/ 2017ରେ ସଦସ୍ୟ, ରେଳବାଇ ଦାବି ନ୍ୟାୟାଧିକାରଣ, ଭୁବନେଶ୍ୱର ବିଚାରପୀଠ ଦ୍ୱାରା ପାରିତ ହୋଇଥିବା ତା13.2.2020ରିଖର ରାୟରୁ)

ପେଣ୍ମି ଭେଙ୍କଟରମଣ ଏବଂ ଅନ୍ୟଜଣେ ....... ଆବେଦନକାରୀମାନେ

ବନାମ

ଭାରତ ସଂଘ ....... ଉତ୍ତରଦାତା

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା(ମାନେ):-

ଆବେଦନକାରୀମାନଙ୍କ ପାଇଁ : ସୁଶ୍ରୀ ଡି. ମହାପାତ୍ର, ଅଧିବକ୍ତା

ଉତ୍ତରଦାତାଙ୍କ ପାଇଁ : ଶ୍ରୀଯୁକ୍ତ ଏ.ସି.ରାଉତରାୟ,ବରିଷ୍ଠ ତାଲିକାଭୁକ୍ତ ଅଧିବକ୍ତା

**ପୀଠାସୀନ : ବି.ପି.ରାଉତରାୟ, ନ୍ୟାୟମୂର୍ତ୍ତି**

**<u>ରାୟ</u>**

*2 ଜାନୁଆରୀ, 2024*

HIGH COURT ORISSA

***<u>ବି.ପି.ରାଉତରାୟ, ନ୍ୟାୟମୂର୍ତ୍ତି</u>***

1. ଆବେଦନକାରୀମାନଙ୍କ ପାଇଁ ବିଜ୍ଞ ଅଧିବକ୍ତା ସୁଶ୍ରୀ ମହାପାତ୍ର ଏବଂ ଶ୍ରୀଯୁକ୍ତ ରାଉତରାୟ, ଭାରତ ସଂଘ ପାଇଁ ବିଜ୍ଞ ବରିଷ୍ଠ ପ୍ୟାନେଲ୍ ଅଧିବକ୍ତାଙ୍କୁ ଶୁଣିଲେ ।

2. ଦାବିଦାରଙ୍କ ଦ୍ୱାରା ବର୍ତ୍ତମାନର ଆବେଦନ, ମାମଲା ସଂଖ୍ୟା 125/2017ରେ ରେଳବାଇ ଦାବି ନ୍ୟାୟାଧିକରଣ, ଭୁବନେଶ୍ୱର ବିଚାରପୀଠଙ୍କ ଦ୍ୱାରା 13 ଫେବୃଆରୀ 2020ରେ ପାରିତ ହୋଇଥିବା ରାୟ ବିରୁଦ୍ଧରେ ନିର୍ଦ୍ଦେଶିତ, ଯେଉଁଥିରେ ନ୍ୟାୟାଧିକରଣ ଦାବିଦାରଙ୍କ ମାମଲାରେ ବିଶ୍ୱାସ ନକରି କୌଣସି କ୍ଷତିପୂରଣ ଦେବାକୁ ମନା କରିଦେଇଛନ୍ତି ।

3. ଦାବିଦାରମାନଙ୍କ ମାମଲା ହେଉଛି ଯେ, ସେମାନଙ୍କର ପୁଅ ଯଥା, ପେଣ୍ଠି ରାମବାବୁ 5 ଅକ୍ଟୋବର 2016ରେ ବିଶାଖାପଟନମ୍ ରୁ ପଲାସା ଯାଉଥିବା ଟ୍ରେନ୍ ସଂଖ୍ୟା 12664 ତ୍ରିଚିନାପଲ୍ଲୀ-ହାଓଡ଼ା ଏକ୍ସପ୍ରେସରେ ଯାତ୍ରା କରୁଥିବାବେଳେ ଚାଲୁଥିବା ଟ୍ରେନ୍ ରୁ ଆକସ୍ମିକ ଭାବେ ଖସି ପଡ଼ିବା ହେତୁ ମୃତ୍ୟୁ ବରଣ କରିଥିଲେ ।

4. ରେଳବାଇ ଏହି ଦାବିକୁ ଅସ୍ୱୀକାର କରିଲେ ଏବଂ ଏହାକୁ ବିରୋଧ କରିଥିଲେ । ଉଭୟ ପକ୍ଷ ନିଜ ନିଜର ପ୍ରମାଣ ଉପସ୍ଥାପନ କରିଥିଲେ । ଯେତେବେଳେ ଦାବିଦାରମାନେ ଏ.ଡ଼ବ୍ଲ୍ୟୁ.1 ଏବଂ ଏ.ଡ଼ବ୍ଲ୍ୟୁ.2 ଭଳି ଦୁଇ ଜଣ ସାକ୍ଷୀଙ୍କୁ ପରୀକ୍ଷା କରିଥିଲେ, ରେଳବାଇ ଆର.ଡ଼ବ୍ଲ୍ୟୁ.1 ଭଳି ଜଣେ ସାକ୍ଷୀଙ୍କୁ ପରୀକ୍ଷା କରିଥିଲେ ।

5. ନିର୍ବିବାଦିତ ତଥ୍ୟରୁ ଜଣାପଡ଼େ ଯେ, ମୃତ ବ୍ୟକ୍ତିଙ୍କ ମୃତଦେହକୁ ପ୍ରଥମେ ଜଣେ ଅଜଣା ବ୍ୟକ୍ତି ଲକ୍ଷ୍ୟ କରିଥିଲେ, ଯିଏକି ଇଛାପୁରମ୍ ରେଳ ଷ୍ଟେସନର ଷ୍ଟେସନ ଅଧିକ୍ଷକଙ୍କୁ ସୂଚନା ଦେଇଥିଲେ । ତଦନୁସାରେ, ତାରିଖ 5 ଅକ୍ଟୋବର 2016ରେ ରୋଜନାମା ପ୍ରବେଶ ସଂଖ୍ୟା 3114/Aରେ ପ୍ରବେଶ କରାଯାଇଥିଲା ଏବଂ ଏହି ମାମଲା ସ୍ଥାନୀୟ ଆରକ୍ଷୀଙ୍କୁ ସୂଚିତ କରାଯାଇଥିଲା ଯିଏ ଅପରାଧ ମାମଲା ସଂଖ୍ୟା 174/2016ରେ ପଞ୍ଜୀକୃତ କରିଥିଲେ । ମୃତଦେହ କେଏମ୍ ସଂଖ୍ୟା 626/28-26ରେ ପଥ ଉପରେ ପଡ଼ିଥିଲା ଏବଂ ମୁଣ୍ଡକୁ କାଟି ଦିଆଯାଇଥିଲା । ଅପମୃତ୍ୟୁର ତଦନ୍ତ କରାଯାଇଥିଲା ଏବଂ ଅପମୃତ୍ୟୁର ତଦନ୍ତ ସମୟରେ 5 ଅକ୍ଟୋବର 2016 ତାରିଖର 53985365 ସଂଖ୍ୟା ବିଶିଷ୍ଟ ଏକ ଯାତ୍ରା ଟିକେଟ୍ ଉଦ୍ଧାର କରାଯାଇଥିଲା ।

6. ଶବ ବ୍ୟବଛେଦ ବିବୃତି ଅନୁଯାୟୀ, ମୁଣ୍ଡ କାଟି ଦିଆଯାଇଥିଲା ଏବଂ ଶବ ଉପର ସାରା କ୍ଷତ ଚିହ୍ନଗୁଡ଼ିକ ଦେଖିବାକୁ ମିଳିଥିଲା । ଇଛାପୁରମ ରେଲୱେ ପ୍ରାଙ୍ଗଣରେ କେଏମ୍ ସଂଖ୍ୟା 626/28-26ରେ ପଡ଼ିଥିବା ମୃତଦେହକୁ ଉଦ୍ଧାର ସମ୍ବନ୍ଧୀୟ ପରିସ୍ଥିତି ଏବଂ ଶବ ବ୍ୟବଛେଦ ପରୀକ୍ଷା ସମୟରେ ମୃତଦେହ ଉପରେ ମିଳିଥିବା ଆଘାତର ପ୍ରକୃତି ନିଶ୍ଚିତ ଭାବରେ ଆବେଦନକାରୀଙ୍କ ଦାବିକୁ ସମର୍ଥନ କରୁଛି ଯେ, ମୃତକଙ୍କର ମୃତ୍ୟୁ ଚାଲୁଥିବା ଟ୍ରେନରୁ ଖସି ପଡ଼ିବା କାରଣରୁ ହୋଇଛି । ଏହି ପରିପ୍ରେକ୍ଷୀରେ, ଏ.ଡବ୍ଲ୍ୟୁ.2ର ପ୍ରମାଣକୁ ବିଚାରକୁ ନିଆଯାଇପାରେ । ଏ.ଡବ୍ଲ୍ୟୁ.2 ତାଙ୍କ ସାକ୍ଷ୍ୟରେ ଦର୍ଶାଇଛନ୍ତି ଯେ, ସେ ମୃତକଙ୍କ ସହିତ

ବିଶାଖାପଟନମ୍ ରେଳ ଷ୍ଟେସନକୁ ଯାଇଥିଲେ ଯେଉଁଠାରେ ମୃତକ 5 ଅକ୍ଟୋବର 2016ରେ ତ୍ରିଚିନାପଲ୍ଲୀ-ହାଓଡ଼ା ଏକ୍ସପ୍ରେସରେ ଯାତ୍ରା ଟିକେଟ୍ କିଣି ସାରିବା ପରେ ଯାତ୍ରା କରିଥିଲେ । ଏ.ଡବ୍ଲ୍ୟୁ.2ର ଏହି ବୟାନ ତାଙ୍କ ଜେରା ସମୟରେ ଅପ୍ରତ୍ୟାଖ୍ୟାନ ହୋଇ ରହିଛି । ତେଣୁ, ଏ.ଡବ୍ଲ୍ୟୁ.2ର ବିବୃତ୍ତି ତଥା ଅପମୃତ୍ୟୁର ତଦନ୍ତ ସମୟରେ ଟିକେଟ୍ ଉଦ୍ଧାରକୁ ବିଚାରକୁ ନେଇ, ଏହା ସିଦ୍ଧାନ୍ତରେ ଉପନୀତ ହୋଇଛି ଯେ, ମୃତକ ଜଣେ ଟ୍ରେନ୍ ର ଯଥାର୍ଥ ଯାତ୍ରୀ ଥିଲେ । ଆହୁରି ମଧ୍ୟ, ଏ.ଡବ୍ଲ୍ୟୁ.2ର ସାକ୍ଷ୍ୟ ସହିତ ଏପରି ସମସ୍ତ ପରିସ୍ଥିତିର ସମ୍ପୂର୍ଣ୍ଣତାକୁ ଦୃଷ୍ଟିରେ ରଖି, ଏହା ନିରାପଦ ଭାବରେ ସିଦ୍ଧାନ୍ତ ନିଆଯାଇପାରେ ଯେ, ମୃତକ ତ୍ରିଚିନାପଲ୍ଲୀ-ହାଓଡ଼ା ଏକ୍ସପ୍ରେସ୍ ଟ୍ରେନରେ ଯାତ୍ରା କରୁଥିବାବେଳେ, ଚାଲୁଥିବା ଟ୍ରେନରୁ ଖସି ପଡ଼ିବା କାରଣରୁ ମୃତ୍ୟୁ ବରଣ କରିଥିଲେ ।

7. ଏହା ସତ୍ୟ ଯେ, ଯାତ୍ରା ଟିକେଟ୍ ଯଦିଓ ବିଶାଖାପଟନମ୍ ରୁ ପଲାସାକୁ ଯାତ୍ରା ଦର୍ଶାଉଛି, କିନ୍ତୁ ମୃତଦେହଟି ପଲାସା ଷ୍ଟେସନ ବାହାରେ ଥିବା ଇଛାପୁରମ୍ ରେଳ ଷ୍ଟେସନରେ ପଡ଼ିଥିବାର ଉଦ୍ଧାର କରାଯାଇଥିଲା ଏବଂ ନ୍ୟାୟାଧିକରଣ ଦାବିଦାରଙ୍କ ମାମଲାକୁ ମୁଖ୍ୟତଃ ଏହି ଆଧାରରେ ଅବିଶ୍ୱାସ କରିଥିଲେ ଯେ, ମୃତକଙ୍କ ପାଖରେ ଇଚ୍ଛାପୁରମ୍ ଯାତ୍ରା କରିବାକୁ ବୈଧ ଯାତ୍ରା ଟିକେଟ୍ ନଥିଲା । ଟ୍ରେନରେ ମୃତ ବ୍ୟକ୍ତିଙ୍କ ପ୍ରକୃତ ଯାତ୍ରାକୁ ଅବିଶ୍ୱାସ କରିବା ପାଇଁ ନ୍ୟାୟାଧିକରଣ ଦ୍ୱାରା ଦିଆଯାଇଥିବା କାରଣ ଯଥାର୍ଥ ନୁହେଁ । ଏହି କାରଣରୁ ଯେ, ଏ.ଡବ୍ଲ୍ୟୁ.2 ତାଙ୍କ ସାକ୍ଷ୍ୟରେ ଦର୍ଶାଇଛନ୍ତି ଯେ, ମୃତକ ଜଣକ ଯାତ୍ରା ଟିକେଟ୍ କିଣିବା ପରେ ଯାତ୍ରା କରିବା ପାଇଁ ଟ୍ରେନ୍ ରେ ଚଢିଥିଲେ ଏବଂ ମୃତକଙ୍କ ପାଇଁ ପଲାସା ବାହାରେ ଯାତ୍ରା କରିବାର କିଛି ଯଥାର୍ଥ କାରଣ ଥାଇପାରେ । ଏକମାତ୍ର କାରଣ ହେଉଛି ଯେ, ଯାତ୍ରା ଟିକେଟ୍ ତାଙ୍କୁ କେବଳ ପଲାସା ପର୍ଯ୍ୟନ୍ତ ଯାତ୍ରା କରିବାକୁ ଅନୁମତି ଦେଇଥାଏ, ଏହା କହିବା ପାଇଁ ଯଥେଷ୍ଟ ହେବ ନାହିଁ ଯେ, ସେ ଇଚ୍ଛାପୁରମର ଜଣେ ଯଥାର୍ଥ ଯାତ୍ରୀ ନଥିଲେ ।

8. ଉପରୋକ୍ତ ଆଲୋଚନାକୁ ଦୃଷ୍ଟିରେ ରଖି, ଦାବିଦାରମାନେ ଟ୍ରେନରେ ଯାତ୍ରା କରୁଥିବାବେଳେ ଏକ ଅପ୍ରୀତିକର ଘଟଣାରେ ମୃତ ବ୍ୟକ୍ତିଙ୍କ ମୃତ୍ୟୁ ବିଷୟରେ ସେମାନଙ୍କର ମାମଲା ପ୍ରତିଷ୍ଠା କରିଛନ୍ତି । ତଦନୁସାରେ, ଆବେଦନକୁ ଅନୁମତି ଦିଆଯାଉଛି ଏବଂ ଆକ୍ଷେପିତ ଅଧିନିର୍ଣ୍ଣୟକୁ ରଦ୍ଦ କରିଦିଆଯାଉଛି । ଉତ୍ତରଦାତା- ଭାରତ ସଂଘଙ୍କୁ ଦୁର୍ଘଟଣାର ତାରିଖ ଠାରୁ ବାର୍ଷିକ 6% ସୁଧ

ସହିତ 4,00,000/- (ଚାରି ଲକ୍ଷ) ଟଙ୍କାର କ୍ଷତିପୂରଣ କିମ୍ବା 8,00,000/- (ଆଠ ଲକ୍ଷ) ଟଙ୍କା, ଯାହା ଅଧିକ, ***ଭାରତ ସଂଘ ବନାମ ରିନା ଦେବୀ, (2019) 3 SCC 572***ରେ ଦିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଆଜିଠାରୁ ଚାରି ମାସ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଉଭୟ ଦାବିଦାରଙ୍କ ସପକ୍ଷରେ ସମାନ ଅନୁପାତରେ ସେମାନଙ୍କର 50% ଅଂଶ ସ୍ଥାୟୀ ଜମାରେ ସେମାନଙ୍କ ନାମରେ ପୃଥକ ଭାବରେ ପାଞ୍ଚ ବର୍ଷ ପାଇଁ କୌଣସି ଜାତୀୟକରଣ ବ୍ୟାଙ୍କରେ ରଖାଯିବ ।

9. ଶୁଣାଣି ସମୟରେ ସୁଶ୍ରୀ ମହାପାତ୍ରଙ୍କ ଦ୍ୱାରା ଉପସ୍ଥାପିତ ପ୍ରମାଣ ଏବଂ ଦସ୍ତାବିଜର ନକଲଗୁଡ଼ିକ ନଥିଭୁକ୍ତ ରଖାଯାଇଛି ।

HIGH COURT
ORISSA

*(ବି.ପି.ରାଉତରାୟ)*
*ନ୍ୟାୟମୂର୍ତ୍ତି*

*ସି.ଆର୍.ବିଶ୍ୱାଳ, ସଚିବ ।*

## **ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ସୁଶ୍ରୀ ଲୋପାମୁଦ୍ରା ମହାନ୍ତି**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**

HIGH COURT
सत्यमेव जयते
ORISSA